# NATIONAL NEWS BULLETIN (ODIA)

## 1 July - 2024

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ସମଗ୍ର ଦେଶରେ  କାର୍ଯ୍ୟକାରୀ ହେଲା ୩ଟି ନୂତନ ଅପରାଧିକ ଆଇନ୍ ।
- ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର ଦୋହା ଠାରେ କାତାର ର ପ୍ରଧାନମନ୍ତ୍ରୀଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ କଲେ ଆଲୋଚନା ।
- ଆନ୍ତଃ ରାଜ୍ୟ ନଦୀ ସଂଯୋଗ ପ୍ରକଳ୍ପ ନେଇ ମଧ୍ୟପ୍ରଦେଶ ଓ ରାଜସ୍ଥାନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ।
- ଆସାମରେ ବନ୍ୟା ପରିସ୍ଥିତି ଗମ୍ଭୀର ।

– ୧୨ଟି ଜିଲ୍ଲାର ୨ଲକ୍ଷ ୬୨ ହଜାରରୁ ଅଧିକ ଲୋକ ପ୍ରଭାବିତ

ଏବଂ

- ଆଇସିସି ଟି-୨୦ ବିଶ୍ୱକପ୍ କ୍ରିକେଟ୍ ଟାଇଟଲ୍ ବିଜୟୀ ଭାରତୀୟ ଦଳ ପାଇଁ  ୧୨୫ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କଲା ବିସିସିଆଇ ।

# ନିୟୁ କ୍ରିମିନାଲ୍ ଲ’

ଦେଶରେ ଆଜିଠାରୁ ୩ଟି ନୂତନ ଅପରାଧିକ ଆଇନ୍ କାର୍ଯ୍ୟକାରୀ ହୋଇଛି । ସେଗୁଡ଼ିକ ହେଲା ଭାରତୀୟ ନ୍ୟାୟସଂହିତା ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ । ଏହି ଆଇନ୍‌ଗୁଡ଼ିକ ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଜନସଚେତନତା କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଥିଲା । ଏହି ଆଇନ୍‌ର ବିଭିନ୍ନ ଦିଗ ଉପରେ ମଧ୍ୟ ବିଶେଷଜ୍ଞଙ୍କଠାରୁ ମତାମତ ଗ୍ରହଣ କରାଯାଇ ଆଲୋଚନା କରାଯାଇଥିଲା । ଆଇନ୍ ସଂକ୍ରାନ୍ତରେ ପୁଲିସ ଏବଂ ତଦନ୍ତକାରୀ ସଂସ୍ଥାଗୁଡ଼ିକ ପାଇଁ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

ଏହି ନୂତନ ଆଇନ ଅନୁଯାୟୀ ଅନ୍‌ଲାଇନ୍ ଏଫ୍.ଆଇ.ଆର୍. ବ୍ୟବସ୍ଥା ଯେକୌଣସି ଥାନାରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇ ପାରିବ । ସେହିଭଳି ଗିରଫ ସମୟରେ କଥିତ ଅଭିଯୁକ୍ତ ନିଜ ମନ ମୁତାବକ ବ୍ୟକ୍ତିଙ୍କୁ ପରିସ୍ଥିତି ନେଇ ଅବଗତ କରାଇବାର ଅଧିକାର ରହିଛି । ମହିଳା ଏବଂ ଶିଶୁଙ୍କ ସୁରକ୍ଷା କ୍ଷେତ୍ରରେ ସାଂପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ଆଇନରେ ବିଶେଷ ନୀତି ନିୟମ ପ୍ରଣୟନ କରାଯାଇଛି । ନ୍ୟାୟ ପ୍ରକ୍ରିୟାକୁ

ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ପ୍ରଯୁକ୍ତି ବିଦ୍ୟା ତଥା ଆଧୁନିକ ଯୋଗାଯୋଗ ବ୍ୟବସ୍ଥାକୁ ମଧ୍ୟ ଏହି ଆଇନରେ ଅନ୍ତର୍ଭୁକ୍ତ କରାଯାଇଛି ।

ଏହି ଆଇନ୍‌ଗୁଡ଼ିକ ସମ୍ପର୍କରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ଆକାଶବାଣୀ, ଦୂରଦର୍ଶନ, ସାମାଜିକ ଗଣମାଧ୍ୟମ ତଥା ବିଭିନ୍ନ ପ୍ଲାଟଫର୍ମରେ ବିସ୍ତୃତ ଆଲୋଚନା ସହ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ମଧ୍ୟ ଆୟୋଜନ କରାଯାଇଥିଲା ।

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ-ୟୁଜିସି, ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ-ଏଆଇସିଟିଇ ଏବଂ ସିଏଫ୍‌ଆଇ ଓ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ଆଜି ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଆଲୋଚନାଚକ୍ର, କର୍ମଶାଳା ଆଦିର ଆୟୋଜନ କରାଯାଇଛି ।

# ଜୟଶଙ୍କର-ଥାନୀ

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର ଦୋହା ଠାରେ କାତାର ର ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ମହମ୍ମଦ ବିନ୍ ଅବଦୁଲା ରହେମାନ୍ ବିନ୍ ଯାସିନ୍ ଅଲ୍ ଥାନୀଙ୍କୁ ଭେଟିଛନ୍ତି । ଏହି ଅବସରରେ ଶ୍ରୀ ଜୟଶଙ୍କର କାତାରର ଅମୀର ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ଥାନୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶୁଭେଚ୍ଛା ଜଣାଇଛନ୍ତି । ଦୁଇ ନେତାଙ୍କ ମଧ୍ୟରେ ରାଜନୈତିକ, ବାଣିଜ୍ୟ, ପୁଞ୍ଜି ନିବେଶ, ଶକ୍ତି, ପ୍ରଯୁକ୍ତିବିଦ୍ୟା, ସଂସ୍କୃତି ଆଦି ବିଭିନ୍ନ କ୍ଷେତ୍ର ଉପରେ ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି ନେଇ ଆଲୋଚନା ହୋଇଛି । ଡକ୍ଟର ଜୟଶଙ୍କର ଗାଜା ସ୍ଥିତି ସଂପର୍କରେ ଶ୍ରୀ ଥାନୀଙ୍କ ଚିନ୍ତାଧାରାକୁ ପ୍ରଶଂସା

କରିଛନ୍ତି । ଡକ୍ଟର ଜୟଶଙ୍କର କହିଛନ୍ତି ଭାରତ-କାତାର ସଂପର୍କକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବା ତାଙ୍କର ଏହି ଗସ୍ତର ମୂଳ ଲକ୍ଷ୍ୟ ।

# ଇଣ୍ଡିଆନ୍ ଇକନମିକ୍-ଗୋୟଲ୍

ଦେଶରେ ରପ୍ତାନୀ କ୍ଷେତ୍ରରେ  ବୃଦ୍ଧି, ଉତ୍ପାଦନ ପରିସୀମା ସଂପ୍ରସାରଣ ଦ୍ୱାରା ଭାରତୀୟ ଅର୍ଥନୀତିରେ ନିରନ୍ତର ଅଭିବୃଦ୍ଧି ହାର ହାସଲ ହୋଇପାରିବ ବୋଲି କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ କହିଛନ୍ତି । ମୁମ୍ବାଇଠାରେ ଗତକାଲି ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସେ କହିଛନ୍ତି ଚଳିତ ଆର୍ଥିକ ବର୍ଷରେ ଦେଶର ସାମଗ୍ରୀ ଓ ସେବା ରପ୍ତାନୀ ୮ ଶହ ବିଲିୟନ୍ ଡଲାରକୁ ଅତିକ୍ରମ କରିପାରେ । ଗତ ଆର୍ଥିକବର୍ଷରେ ଏହା ୭୭୮ ବିଲିୟନ୍ ଡଲାର ଥିଲା ବୋଲି ସେ କହିଛନ୍ତି ।

# ଆସାମ ଫ୍ଲଡ୍

ଆସାମରେ ବନ୍ୟା ପରିସ୍ଥିତି ଅଧିକ ଗମ୍ଭୀର ହୋଇଛି । ୧୨ଟି ଜିଲ୍ଲାର ୨ଲକ୍ଷ ୬୨ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଥିବା ଜଣାପଡ଼ିଛି । ବନ୍ୟାରେ ୨ଜଣଙ୍କର ମୃତ୍ୟୁ ହୋଇଛି । ବ୍ରହ୍ମପୁତ୍ର ସମେତ ୫ଟି ପ୍ରମୁଖ ନଦୀର ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଛି । କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ ଅଧିକ ପ୍ରଭାବିତ ଦିବ୍ରୁଗଡ଼ର ସ୍ଥିତି

ସମୀକ୍ଷା କରିଛନ୍ତି । ସେଠାରେ ଜିଲ୍ଲା ସଦରମହକୁମା କିଛିଦିନ ହେଲା ଜଳମଗ୍ନ ହୋଇ ରହିଥିବା ଜଣାପଡ଼ିଛି ।

# ଏମ୍‌ପି ରାଜସ୍ଥାନ

ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ' ଚମ୍ବଲ-ପାର୍ବତୀ-କାଳିସିନ୍ଧି ନଦୀର ଜଳସ୍ରୋତ  ବ୍ୟବହାର କରିବା ନେଇ  ପାରସ୍ପରିକ ସମ୍ମତି ପ୍ରଦାନ କରିଛନ୍ତି ।  ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ଲାଗି ଦୁଇ ରାଜ୍ୟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଆନ୍ତଃରାଜ୍ୟ ନଦୀ ସଂଯୋଗ ପ୍ରକଳ୍ପ ଦ୍ୱାରା ମଧ୍ୟପ୍ରଦେଶର ମୋରେନା, ଗ୍ୱାଲିଅର, ସିଓପୁର ଏବଂ ରାଜଗଡ଼ ସମେତ ୧୩ଟି ଜିଲ୍ଲାରେ ପାନୀୟ ଜଳ ଏବଂ ଜଳସେଚନ ସୁବିଧା ବୃଦ୍ଧି ପାଇବ । ରାଜସ୍ଥାନର ୧୩ଟି ଜିଲ୍ଲା ମଧ୍ୟ ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହେବେ ବୋଲି ଜଣାପଡ଼ିଛି । ଏଥିପାଇଁ ପାଖାପାଖି ୭୨ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ । ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ କହିଛନ୍ତି ଏହି ଅଭିନବ ପଦକ୍ଷେପ ଦେଶର ସଂଘୀୟ ବ୍ୟବସ୍ଥାକୁ ପ୍ରତିଫଳନ କରୁଛି । ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା କହିଛନ୍ତି ଉଭୟ ରାଜ୍ୟକୁ ବିକଶିତ କରିବା ଲକ୍ଷ୍ୟରେ ଏହା ଏକ ଉତ୍କୃଷ୍ଟ ବୁଝାମଣା ।

# ଇଣ୍ଡିଆ-ୟୁଏନ୍ ମିଟ୍

ଆଫଗାନିସ୍ତାନ ପରିସ୍ଥିତି ନେଇ କାତାରର ଦୋହା ଠାରେ ଚାଲିଥିବା ଜାତିସଂଘ ସମ୍ମିଳନୀରେ ଭାରତ ଗତକାଲି ଭାଗ ନେଇଛି । ବୈଦେଶିକ

ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଜେ.ପି. ସିଂ ଭାରତ ପକ୍ଷରୁ ଏହି ସମ୍ମିଳନୀରେ ଅଂଶ ଗ୍ରହଣ କରିଛନ୍ତି । ଭାରତକୁ ମିଶାଇ ୨୫ଟି ରାଷ୍ଟ୍ର ଆଫଗାନିସ୍ତାନର ଆର୍ଥିକ ସ୍ଥିତି ନେଇ ଆଲୋଚନା କରୁଛନ୍ତି । ତାଲିବାନ' ଆଫଗାନିସ୍ତାନରେ ଶାସନ କ୍ଷମତାକୁ ଆସିବା ପରେ ଏଭଳି ଏକ ସମ୍ମିଳନୀର ଆୟୋଜନ କରାଯାଇଛି । ଆଫଗାନିସ୍ତାନରେ ଆର୍ଥିକ ଏବଂ ସୁରକ୍ଷା ସ୍ଥିତିରେ ଉନ୍ନତି ଆଣିବା ପାଇଁ ଭାରତ ଆଗ୍ରହ ପ୍ରକାଶ କରିଛି । ଆନ୍ତର୍ଜାତିକ ସମୁଦାୟ ମଧ୍ୟ ଏ କ୍ଷେତ୍ରରେ ସହଯୋଗ କରିବାକୁ ଭାରତ ପରାମର୍ଶ ଦେଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍-ଇନ୍ କାର୍ଯ୍ୟକ୍ରମ 'ପବ୍ଲିକ୍ ସ୍ପିକ୍' ଆଜି ରାତି ସାଢ଼େ ୯ଟାରେ ପ୍ରସାରିତ ହେବ । ଏଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ଆଲୋଚନା କରାଯିବ । ଏହାର ଶୀର୍ଷକ ରହିଛି "ସବ୍ କେ ଘର କେ ସପ୍‌ନେ କୋ ସାକାର କରତୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା" । ଗ୍ରାମ ଉନ୍ନୟନ ମନ୍ତ୍ରଣାଳୟର ଉପ-ମହାନିର୍ଦ୍ଦେଶକ ଗୟା ପ୍ରସାଦ ଓ କେନ୍ଦ୍ର ଆବାସ ଏବଂ ସହରୀ ବ୍ୟାପାର ମନ୍ତ୍ରଣାଳୟର ଉପ-ସଚିବ କୂଳଦୀପ ନାରାୟଣ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୋତାମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ । ଶ୍ରୋତାମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ ପ୍ରଶ୍ନ ୦୧୧-୨୩୪୨୧୦୫୦ ଏବଂ ୨୩୩୧୪୪୪୪ ଫୋନ୍ ନମ୍ବରେ କଲ୍

କରି ପଚାରିପାରିବେ । ଶ୍ରୋତାମାନେ ହ୍ୱାଟ୍ସଆପ୍ ନମ୍ବର ୯୨୮୯୦୯୪୦୪୪ରେ ମଧ୍ୟ ପ୍ରଶ୍ନ ପଚାରିପାରିବେ। ଏହି କାର୍ଯ୍ୟକ୍ରମ ଆକାଶବାଣୀର ଗୋଲ୍ଡ୍ ଚ୍ୟାନେଲ୍, NEWS ON AIRର ୟୁଟ୍ୟୁବ୍ ଚ୍ୟାନେଲ୍ରେ ପ୍ରସାରଣ କରାଯିବ ।

# ଫ୍ରାନ୍ସ ଇଲେକ୍ସନ

ଫ୍ରାନ୍ସ ସଂସଦୀୟ ନିର୍ବାଚନରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ଗଣତିରେ ଦଳୀୟ ସ୍ଥିତିକୁ ଦୃଷ୍ଟିରେ ରଖି ମାରିନ୍ ଲି ପେନ୍ଙ୍କ ଦକ୍ଷିଣପନ୍ଥୀ ନ୍ୟାଶନାଲ୍ ର୍ୟାଲି - ଆର୍ଏଲ୍ ଆଗୁଆ ରହିଛି ବୋଲି ଏକ୍ଜିଟ୍ ପୋଲ୍ରୁ ଜଣାପଡ଼ିଛି । ତେବେ ସବିଶେଷ ଫଳାଫଳ ଏପର୍ଯ୍ୟନ୍ତ ଘୋଷଣା କରାଯାଇନାହିଁ । ଏକ୍ଜିଟ୍ ପୋଲ୍ ଅନୁଯାୟୀ ଆର୍ଏଲ୍ ପ୍ରାୟ ୩୪ ପ୍ରତିଶତ ଭୋଟ୍ ପାଇଛି । ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ଙ୍କ ମିଳିତ ନିଉ ପପୁଲାର ଫ୍ରଣ୍ଟ୍ ଠାରୁ ଏହା ଆଗୁଆ ଥିବା ଜଣାପଡ଼ିଛି । ନିଉ ପପୁଲାର ଫ୍ରଣ୍ଟ ୨୯ ପ୍ରତିଶତ ଭୋଟ୍ ପାଇବାର ସମ୍ଭାବନା ରହିଛି ବୋଲି ଏକ୍ଜିଟ୍ ପୋଲ୍ କହିଛି । ତେବେ ଆସନ୍ତା ୭ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଗଣତି ପରେ ଫଳାଫଳ ନେଇ ସ୍ପଷ୍ଟ ସୂଚନା ମିଳିପାରିବ ।

# କ୍ରିକେଟ୍

ଆଇସିସି ଟି-୨୦ ବିଶ୍ୱକପ୍ କ୍ରିକେଟ୍ ଟାଇଟଲ୍ ବିଜୟୀ ଭାରତୀୟ ଦଳ ପାଇଁ ବିସିସିଆଇ ୧୨୫ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା

କରିଛି । ସାମାଜିକ ଗଣମାଧ୍ୟମରେ ଏ ସଂପର୍କରେ ସୂଚନା ଦେଇ ବିସିସିଆଇ ସମ୍ପାଦକ ଜୟ ଶାହା କହିଛନ୍ତି ଭାରତୀୟ ଦଳ ଏହି ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରିଛି । ଏହି ସିରିଜ୍‌ରେ କୌଣସି ଗୋଟିଏ ବି ମ୍ୟାଚ୍ ନ ହାରି ଟାଇଟଲ୍ ହାସଲ କରିବା ଦଳର ଖେଳାଳି ଏବଂ ପ୍ରଶିକ୍ଷକ ଓ ସହାୟକମାନଙ୍କର ପ୍ରତିଭା, ନିଷ୍ଠା ଏବଂ ଖେଳୁଆଡ଼ ମନୋଭାବକୁ ପ୍ରଦର୍ଶନ କରୁଛି । ଏହି ବିଜୟ ଯୁବ କ୍ରିକେଟରମାନଙ୍କ ପାଇଁ ପ୍ରେରଣାଦାୟୀ ହେବ ବୋଲି ସେ କହିଛନ୍ତି ।

## ୱିମେନ୍ ଟେଷ୍ଟ

ଚେନ୍ନାଇର ଏମ୍.ଏ. ଚିଦମ୍ବରମ୍ ଷ୍ଟାଡିୟମ୍‌ରେ ଚାଲିଥିବା ଭାରତ ଓ ଦକ୍ଷିଣ ଆଫ୍ରିକା ଟେଷ୍ଟ ମ୍ୟାଚ୍‌ର ଆଜି ଚତୁର୍ଥ ଦିନ ଖେଳ ଦକ୍ଷିଣ ଆପ୍ରିକା ତା'ର ଦ୍ୱିତୀୟ ଇନିଙ୍ଗ୍‌ସରେ ୨ ୱିକେଟ୍‌ରେ ୨୩୨ ରନ୍‌ରୁ ଆରମ୍ଭ କରିବ । ଏବେ ମଧ୍ୟ ଦକ୍ଷିଣ ଆଫ୍ରିକା ୧୦୫ ରନ୍‌ରେ ପଛୁଆ ରହିଛି ।

ସୂଚନାଯୋଗ୍ୟ  ଭାରତ ତା'ର ପ୍ରଥମ ଇନିଙ୍ଗ୍‌ସରେ ୧୧୫ ଓଭର୍ ଗୋଟିଏ ବଲ୍‌ରେ ୬ ୱିକେଟ୍ ହରାଇ ୬୦୩ ରନ୍ ସଂଗ୍ରହ କରି ପାଳି ସମାପ୍ତି ଘୋଷଣା କରିଥିଲା । ଓପନର୍ ଶେଫାଳି ବର୍ମା ଏବଂ ସ୍ମୃତି ମାନ୍ଧାନା ଯୋଡ଼ି ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ୨୯୨ ରନ୍‌ର ବିଶାଳ ସ୍କୋର କରିଥିଲେ । ଶେଫାଳି ଦ୍ରୁତତମ ୨୦୫ ରନ୍ କରିଥିବାବେଳେ ମାନ୍ଧାନା ୧୪୯ ରନ୍ କରିଥିଲେ । ଦକ୍ଷିଣ ଆଫ୍ରିକା ତା'ର ପ୍ରଥମ ଇନିଙ୍ଗ୍‌ରେ ୮୪

ଓଭର୍ ୩ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୨୬୬ ରନ୍ ସଂଗ୍ରହ କରି ଫଲୋ ଅନ୍‌ର ସମ୍ମୁଖୀନ ହୋଇଥିଲା ।

## ପାଣିପାଗ

ଦେଶର ବିଭିନ୍ନ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି । ଆସନ୍ତା ତିନି ଚାରିଦିନ ମଧ୍ୟରେ ଉତ୍ତର-ପଶ୍ଚିମ, ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତରେ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରିଛି । ସେହିଭଳି ୩ ତାରିଖ ପର୍ଯ୍ୟନ୍ତ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ହରିଆଣା, ଚଣ୍ଡୀଗଡ଼, ପୂର୍ବ ରାଜସ୍ଥାନ ଏବଂ ଉତ୍ତରପ୍ରଦେଶର କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ କହିଛି ।  ବିହାର, ଉପହିମାଳୟ, ପଶ୍ଚିମବଙ୍ଗ, ସିକିମ୍, ଅରୁଣାଚଳ ପ୍ରଦେଶ, ଆସାମ, ମେଘାଳୟରେ ଆସନ୍ତା ଦୁଇ ତିନିଦିନ ମଧ୍ୟରେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି ।